## ଗବେଷଣା ଓ ସଂପ୍ରସାରଣ ସମନ୍ୱୟ ବୈଠକ

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ତରଫରୁ ପ୍ରତି ମାସର ତୃତୀୟ ମଙ୍ଗଳବାରରେ ଗବେଷଣା ଓ ସଂପ୍ରସାରଣ ସମନ୍ୱୟ ବୈଠକ ଆୟୋଜିତ କରାଯାଉଛି । ଏହି ବୈଠକରେ ଜିଲ୍ଲା ସ୍ତରୀୟ କୃଷି ଓ ଆନୁସଙ୍ଗିକ ବିଭାଗର ଅଧିକାରୀ ଯୋଗ ଦେଉଛନ୍ତି । ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ଏହି ବୈଠକରେ ଯୋଗ ଦେଇ କୃଷି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଉଦ୍ୟାନ ବିଭାଗର ଅଧିକାରୀ ଉକ୍ତ ବୈଠକରେ ଯୋଗ ଦେଇ ଉଦ୍ୟାନ କୃଷି ସମ୍ବନ୍ଧିତ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା କରିଛନ୍ତି । ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ତାଙ୍କ ବିଭାଗ ଦ୍ୱାରା ଉପଲବ୍ଧ ହେଉଥିବା ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନରେ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଛନ୍ତି । ମତ୍ସ୍ୟ ବିଭାଗର ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ଏହି ବିଭାଗ ଦ୍ୱାରା ମିଳୁଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ଉପରେ ଆଲୋଚନା କରିଛନ୍ତି । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଉକ୍ତ ବୈଠକରେ ଉପସ୍ଥିତ ରହି ନିଜ ନିଜର ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ତାଲିମ୍ କାର୍ଯ୍ୟକ୍ରମ, ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନ, ପରୀକ୍ଷଣ ଉପରେ ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଅବଗତ କରାଇଛନ୍ତି ।



## ଅକ୍ଷୟ ତୃତୀୟା ଦିବସ ପାଳନ

ଏହି ବର୍ଷ ମେ ମାସ ୭ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ପରିସରରେ କୃଷି ଭିତ୍ତିକ ଗଣ ପର୍ବ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଖଣ୍ଡର ଉପଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅକ୍ଷି ମୁଠି ଅନୁକୂଳ କରିବା ସହିତ ଚାଷୀମାନଙ୍କୁ ଅକ୍ଷୟ ତୃତୀୟାର ମହତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା କୃଷି ଅଧିକାରୀ, ଭଞ୍ଜନଗର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷି ବିଭାଗର ଆଗାମୀ ଖରିଫ ଋତୁରେ କାର୍ଯ୍ୟକାରୀ ହେବାକୁ ଥିବା ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଉଦ୍‌ବୋଧନ ଦେବା ସହିତ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଉପକଣ୍ଠର ପ୍ରାୟ ୧୦ ରୁ ୧୫ଟି ଗ୍ରାମରୁ ୧୦୦ ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ ।



## ଜଳଶକ୍ତି ଅଭିଯାନ



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ପରିସରରେ ସେପ୍ଟେମ୍ବର ମାସ ୩ ତାରିଖରେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଜଳ ଶକ୍ତି ଅଭିଯାନ କାର୍ଯ୍ୟକ୍ରମ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର କୃଷି କାର୍ଯ୍ୟାଳୟର କ୍ଷେତ୍ର ବିଶେଷଜ୍ଞ ଶ୍ରୀଯୁକ୍ତ କୁମୁଦ ଚନ୍ଦ୍ର ପାଢୀ ଯୋଗ ଦେଇ ଚାଷ କ୍ଷେତ୍ରରେ ଜଳର ସୁପରିଚାଳନା ଓ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ । ଭଞ୍ଜନଗର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଶ୍ରୀଯୁକ୍ତ କେ. ସୁଦର୍ଶନ ଉଦ୍ୟାନ ଫସଲ ଚାଷରେ ଜଳର ସୁବିନିଯୋଗ ନିମନ୍ତେ ବୁନ୍ଦା ଓ ସିଞ୍ଚନ ଜଳସେଚନ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ବିଭାଗର ବୈଜ୍ଞାନିକମାନେ ପରିବର୍ତ୍ତିତ ଜଳବାୟୁରେ ଜଳର ସୁପରିଚାଳନା, ସଂରକ୍ଷଣ ଓ ବିଭିନ୍ନ ଫସଲରେ ଏହାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଓ ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ଗ୍ରାମ ଯଥା କରାଗଡିଆ, ନେଟେଙ୍ଗା, ବେଣାକୁନ୍ଦା, ତୁଳସୀପଲ୍ଲୀ, ଡିହପଡାଳ ଇତ୍ୟାଦି ଗ୍ରାମରୁ ୫୦ ରୁ ଅଧିକ ଚାଷୀ ଭାଇ ଓ ଭଉଣୀ ମାନେ ଯୋଗଦାନ କରିଥିଲେ ।

## ବୃକ୍ଷରୋପଣ ଓ କୃଷକ ଗୋଷ୍ଠୀ କାର୍ଯ୍ୟକ୍ରମ



ଚଳିତ ବର୍ଷ ସେପ୍ଟେମ୍ବର ମାସ ୧୭ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ପରିସରରେ ବୃକ୍ଷରୋପଣ ଓ କୃଷକ ଗୋଷ୍ଠୀ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ (ଉତ୍ତର ଘୁମୁସର)ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ ସୃଷ୍ଟି ଓ ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ । ଭଂଜନଗର ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଫଳ ଜାତୀୟ ବୃକ୍ଷରୋପଣ ଏବଂ ଏହା ସହିତ ମିଳୁଥିବା ସରକାରୀ ସୁବିଧା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଭଞ୍ଜନଗର କୃଷି କାର୍ଯ୍ୟାଳୟର ଜିଲ୍ଲା କୃଷି ଅଧିକାରୀ ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଜଳବାୟୁ ପରିବର୍ତ୍ତନ ଏବଂ ତତ୍‌ସହିତ ଚାଷ ଉପରେ ଏହାର କୁପ୍ରଭାବ ଉପରେ ଆଲୋକପାତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କୃଷକ ଗୋଷ୍ଠୀ ଗଠନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପରିଶେଷରେ ୧୦୦୦ଟି ଆକାସିଆ,ନୀଳଗିରି,ବାଉଁଶ ଇତ୍ୟାଦି ବୃକ୍ଷର ଚାରା ଚାଷୀମାନଙ୍କୁ ବଣ୍ଟନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର, ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ବ୍ଲକ୍‌ର ୨୦୦ ଜଣ ଚାଷୀ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ ।

This Newsletter is published & Owned by Sr. Scientist and Head, Krishi Vigyan Kendra, Ganjam-I, Bhanjanagar, Pin.: 761140
e-mail:kvkganjam1.ouat@gmail.com, Web : www.ganjamkvkzpdvii.org
Printed at : Information and Communication Centre, Directorate of Extension Education, OUAT, Bhubaneswar-751003

Krishi Vigyan Kendra
Ganjam-I
Odisha University of
Agriculture & Technology
Bhubaneswar

# ଋଷିକୁଲ୍ୟା

### ତ୍ରୈମାସିକ ସମାଚାର ପତ୍ରିକା

କୃଷି ବିଜ୍ଞାନ କେନ୍ଦ୍ର
ଗଞ୍ଜାମ-୧
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ICAR

ଏକାଦଶ ବର୍ଷ | ଏପ୍ରିଲ୍-ସେପ୍ଟେମ୍ବର, ୨୦୧୯ | ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା

## ବାର୍ତ୍ତା



ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଅଧିକାଂଶ ଲୋକେ କୃଷିକୁ ନିଜର ଜୀବିକା ଭାବେ ଗ୍ରହଣ କରିଥାଆନ୍ତି । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବଂ କୃଷିକ୍ଷେତ୍ରରୁ ମିଳୁଥିବା ଆୟର ଅନିଶ୍ଚିତତା ଯୋଗୁଁ ଚାଷୀଭାଇମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଗଞ୍ଜାମ ପରି ଏକ କୃଷି ପ୍ରଧାନ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ତଥା କୃଷି ସମ୍ପର୍କିତ ଆଧୁନିକ ଜ୍ଞାନ କୌଶଳର ସନ୍ଦେଶ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର ତରଫରୁ ପ୍ରକାଶିତ ସମାଚାର ପତ୍ରିକା "ଋଷିକୂଲ୍ୟା" ଏକ ଆଲୋକବର୍ତ୍ତିକା ସଦୃଶ ।

ଏହି ପତ୍ରିକାଟି କୃଷିର ବିକାଶ ସହ କୃଷି ବିଜ୍ଞାନୀ, କୃଷି ସଂପ୍ରସାରଣ ଅଧିକାରୀ ଏବଂ ଚାଷୀଭାଇ ଓ ଭଉଣୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ବିଶ୍ୱାସ । ଏହି ପତ୍ରିକାରେ ମୁଦ୍ରିତ କୃଷିଭିତ୍ତିକ ସମାଚାର ଜିଲ୍ଲାର ବେକାର ଯୁବକ ଓ ଯୁବତୀ, କୃଷିଜୀବି, କୃଷି ସଂପ୍ରସାରଣ ଅଧିକାରୀମାନଙ୍କ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିପାରିବ ବୋଲି ମୋର ଆଶା । ସମସ୍ତ ବୈଜ୍ଞାନିକ ଏବଂ କର୍ମଚାରୀଙ୍କୁ ଆନ୍ତରିକ ଧନ୍ୟବାଦ୍ ଦେବା ସହ ମୁଁ ଏହି କୃଷି ଭିତ୍ତିକ ସମାଚାର ପତ୍ରିକା "ଋଷିକୂଲ୍ୟା"ର ସଫଳା କାମନା କରୁଛି ।

ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

## ସମ୍ପାଦନା

ପ୍ରକାଶକ ଓ ମୁଖ୍ୟ ସମ୍ପାଦକ

(ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)

ସମ୍ପାଦନା ମଣ୍ଡଳୀ

ଡଃ ସନ୍ତୋଷ କୁମାର ସାମନ୍ତରାୟ
ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା
ଶ୍ରୀ ବିଷ୍ଣୁପଦ ଗିରି
ଶ୍ରୀମତୀ ଅନୀତା ପାତ୍ର
ଡଃ ସିଦ୍ଧାର୍ଥ ରଣବିଜୁଳୀ
ଶ୍ରୀ ସତ୍ୟବ୍ରତ ମଙ୍ଗରାଜ
ଶ୍ରୀ ଶିତିକଣ୍ଠ ମିଶ୍ର
ସୁଶ୍ରୀ ସାଇନିଶ୍ରୀ ଦାଶ

## ମୁଖ୍ୟ ସମ୍ପାଦକଙ୍କ କଲମରୁ



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ର ସମାଚାର ପତ୍ରିକା "ଋଷିକୂଲ୍ୟା"ରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସ୍ଥାନିତ କରାଯାଇଛି । କୃଷକ, କୃଷିଜୀବି ମହିଳା ଓ ଉଦ୍ୟୋଗୀ ଯୁବକ ଯୁବତୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ବିଭିନ୍ନ ସମୟରେ ନୂତନ କୃଷି ଜ୍ଞାନ କୌଶଳ ଶିକ୍ଷା ଦେଇ ଆତ୍ମ ନିର୍ଭରଶୀଳ ହେବା ପାଇଁ ପ୍ରେରଣା ଯୋଗାଉଅଛି । କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ପ୍ରଚେଷ୍ଟା ଓ କୃଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଦିନେ ନିଶ୍ଚୟ ଆମ ଆଶାକୁ ପୂରଣ କରିବ । "ଋଷିକୁଲ୍ୟା" ପତ୍ରିକାରେ ପ୍ରକାଶିତ ବିଭିନ୍ନ କାର୍ଯ୍ୟକ୍ରମର ତଥ୍ୟ ଦ୍ୱାରା ସମସ୍ତେ ଉପକୃତ ହେବେ ବୋଲି ମୋର ଆଶା ଓ ବିଶ୍ୱାସ ।

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧

ରଷିକୁଲ୍ୟା

## ଲଙ୍କା ଫସଲରେ ପତ୍ର ମୋଚା ରୋଗର ପରିଚାଳନା

ଗଞ୍ଜାମ ଜିଲ୍ଲାରେ ପାଖାପାଖି ୬୦୦୦ ହେକ୍ଟର ଜମିରେ ଲଙ୍କା ଚାଷ କରାଯାଏ । ଏହି ଫସଲରେ ପତ୍ରମୋଚା ଏକ ମୁଖ୍ୟ ସମସ୍ୟା ଯାହାକି ମୁଖ୍ୟତଃ ଉକୁଣୀ ପୋକ ଓ ଅଷ୍ଟପଦୀ ପାଇଁ ହୋଇଥାଏ । ଏହି ପୋକ ମାନେ ପତ୍ରରୁ ରସ ଶୋଷିବା ଯୋଗୁଁ ପତ୍ରଗୁଡିକ ମୋଚା ହୋଇଯାଏ ଓ ଗଛ ଗୁଡିକ ରୋଗିଣା ଦେଖାଯାଏ ଏବଂ ଏଥିପାଇଁ ୧୫ ରୁ ୨୦ ଭାଗ ଅମଳ କମିଯାଏ । ଏହାକୁ ପରିଚାଳନା କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ କ୍ଷେତ୍ର ପ୍ରଦର୍ଶନୀ ଏହାର ପୋଷ୍ୟ ଗ୍ରାମ ଲେପା,ପଦ୍ମପୁର ଓ ଫୁଲସରାପଲ୍ଲୀରେ କରାଯାଇଥିଲା । ଏହି କୀଟ ଦମନ ପାଇଁ ଲଙ୍କା ଲଗାଇବାର ୨୦ ଦିନ ପରେ ଡାୟାଫେନଥ୍ୟୁରିଅନ୍ (୬୦୦ ଗ୍ରାମ୍/ହେକ୍ଟର) ଓ ଏସିଟାମିପ୍ରିଡ୍ (୧୫୦ ଗ୍ରାମ୍/ହେକ୍ଟର) ୧୫ ଦିନ ବ୍ୟବଧାନରେ ଅଦଳ ବଦଳ କରି ସିଂଚନ କରାଯାଇଥିଲା । ଏହି ପ୍ରଦର୍ଶନୀରେ ପତ୍ରମୋଚା ୮୦ ରୁ ୮୫% କମ୍ ହୋଇଥିବା ବେଳେ ଅମଳ ୧୮% ବଢିଥିଲା ।



## କଲରା ଫସଲରେ ବୃଦ୍ଧି ଉଦ୍ଦୀପକ ପ୍ରୟୋଗ

ଗଞ୍ଜାମ ଜିଲ୍ଲାରେ ଉଭୟ ଖରିଫ ଓ ରବି ଋତୁରେ କଲରା ଚାଷ କରାଯାଏ । ଏହି ଫସଲରେ ଅଣ୍ଡିରା ଫୁଲ ଓ ମାଇ ଫୁଲ ପୃଥକ ଭାବେ ଫୁଟିଥାଏ । ସାଧାରଣତଃ ଅଣ୍ଡିରା ଫୁଲ ମାଇ ତୁଳନାରେ ଅଧିକ ସଂଖ୍ୟାରେ ଫୁଟିଥାଏ । ପରାଗ ସଂଗମ ଅଭାବରୁ ଫୁଲ କସି ଝଡି ପଡେ ଓ ଅମଳ କମିଯାଏ । ଏହି ସମସ୍ୟାକୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କଲରା ଫସଲରେ ବୃଦ୍ଧି ଉଦ୍ଦୀପକ ବ୍ୟବହାର ପାଇଁ ଏକ କ୍ଷେତ୍ର ପ୍ରଦର୍ଶନ ଆୟୋଜନ କରାଗଲା । ଫସଲ ୨ ରୁ ୪ ପତ୍ର ହୋଇଥିବା ବେଳେ ଇଥ୍ରେଲ୍ ନାମକ ହରମୋନ୍ (୦.୫ ମିଲି/ଲିଟର) ହିସାବରେ ପତ୍ର ସିଂଚନ କରାଗଲା ।ଫୁଲ ଫୁଟିବା ସମୟରେ ଆମିନୋ ଏସିଡ୍ ବା ସୋମରସ (୨ ମିଲି/ଲି) ପ୍ରୟୋଗ କରାଗଲା । ଏହା ଦ୍ୱାରା ଫସଲରେ ଅଧିକ ସଂଖ୍ୟାରେ ମାଇ ଫୁଲ ଫୁଟିବା ସହିତ ଫଳ କସି ରହିଥିଲା । ପ୍ରଦର୍ଶନୀ କ୍ଷେତ୍ରରୁ ଗଛ ପିଛା ୩୬ ଟି ଓ ଚାଷୀଙ୍କ କ୍ଷେତ୍ରରୁ ୨୬ ଟି କଲରା ଫଳିଥିବା ଦେଖାଯାଇଥିଲା । ପ୍ରଦର୍ଶନୀ କ୍ଷେତ୍ରରୁ ହେକ୍ଟର ପିଛା ୧୨୨ କ୍ୱିଣ୍ଟାଲ୍ ଓ ଚାଷୀଙ୍କ କ୍ଷେତ୍ରରୁ ୧୦୨ କ୍ୱିଣ୍ଟାଲ୍ ଅମଳ ମିଳିଥିଲା ।



## ମାଣ୍ଡିଆରେ ସମନ୍ୱିତ ଖାଦ୍ୟସାର ପରିଚାଳନାର କ୍ଷେତ୍ର ପ୍ରଦର୍ଶନୀ



ଲଘୁଶସ୍ୟମାନଙ୍କ ମଧ୍ୟରେ ମାଣ୍ଡିଆକୁ ବର୍ତ୍ତମାନ ଭବିଷ୍ୟତର ଶସ୍ୟ ରୂପେ ବିବେଚନା କରାଯାଉଛି । ମାଣ୍ଡିଆକୁ ଦେଶର ବିଭିନ୍ନ ପ୍ରାନ୍ତରରେ ଅପେକ୍ଷାକୃତ କମ୍ ବର୍ଷା ହେଉଥିବା ଅଞ୍ଚଳରେ ବହୁଳ ଭାବେ ଚାଷ କରାଯାଏ । ଚାଷ ଜମିରେ ଅତ୍ୟଧିକ ରାସାୟନିକ ଖାଦ୍ୟସାରର ବ୍ୟବହାର ଯୋଗୁଁ ମାଟିର ଉର୍ବରତା ଏବଂ ଅମଳ କ୍ଷମତା ହ୍ରାସ ପାଇଥାଏ । ତେଣୁ ଅଧିକ ଶସ୍ୟ ଅମଳ ପାଇଁ ସମନ୍ୱିତ ଖାଦ୍ୟସାର ପରିଚାଳନା ଅନିବାର୍ଯ୍ୟ ଅଟେ । କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ତରଫରୁ ମାଣ୍ଡିଆ ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନାର କ୍ଷେତ୍ର ପ୍ରଦର୍ଶନୀ ୧୦ ଜଣ ଚାଷୀଭାଇଙ୍କୁ ନେଇ ୨ ହେକ୍ଟର ଜମିରେ କରାଯାଇଥିଲା । ସମନ୍ୱିତ ଖାଦ୍ୟସାର ପରିଚାଳନା ମାଧ୍ୟମରେ ହେକ୍ଟର ପ୍ରତି ୫୦ ଭାଗ ଖତ ପ୍ରୟୋଗ ସହ ୫୦ ଭାଗ ଏନ୍:ପି:କେ: ପ୍ରୟୋଗ ହୋଇଥିଲା । ଫସଫରସ୍ ଏବଂ ପଟାସିୟମକୁ ମୂଳସାର ଭାବେ ପ୍ରୟୋଗ କରି ଯବକ୍ଷାରଜାନକୁ ୩ ଭାଗରେ ଯଥା-ମୂଳସାର, ପିଲ ଆସିବା ସମୟରେ ଏବଂ ଫୁଲ ଆସିବା ସମୟରେ ପ୍ରୟୋଗ କରାଯାଇଥିଲା । ଏହି ପ୍ରଣାଳୀକୁ ଚାଷୀଭାଇମାନେ ଆଗରୁ ବ୍ୟବହାର କରୁଥିବା ପ୍ରଣାଳୀ ସହ ତୁଳନା କରାଯାଇଥିଲା । ଏହି ପରୀକ୍ଷଣ ଦ୍ୱାରା ଦେଖାଯାଇଥିଲା ଯେ, ଚାଷୀମାନେ ବ୍ୟବହାର କରୁଥିବା ପ୍ରଣାଳୀ ଠାରୁ ସମନ୍ୱିତ ଖାଦ୍ୟସାର ପରିଚାଳନା ଦ୍ୱାରା ୧୫ ପ୍ରତିଶତ ଅଧିକ ଅମଳ ହୋଇଥିଲା ।

## ମାଣ୍ଡିଆ ଫସଲରେ ନୂତନ ଏବଂ ଅଧିକ ଅମଳକ୍ଷମ ବିହନଗୁଡ଼ିକର କ୍ଷେତ୍ର ପରୀକ୍ଷଣ



ମାଣ୍ଡିଆ ପ୍ରଧାନ ଲଘୁଶସ୍ୟମାନଙ୍କ ମଧ୍ୟରେ ଏକ ପୃଷ୍ଟିକର ଶସ୍ୟ ଅଟେ ଯାହାକି ଗ୍ରାମାଞ୍ଚଳରେ ରହୁଥିବା ଲୋକମାନଙ୍କ ମଧ୍ୟରେ ଖୁବ୍ ଆଦୃତ । ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧୫,୦୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଏ । ବର୍ତ୍ତମାନ ଓଡିଶା ସରକାର ମଧ୍ୟ ଲଘୁଶସ୍ୟର ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ତରଫରୁ ମାଣ୍ଡିଆ ଫସଲରେ ନୂତନ ଓ ଅଧିକ ଅମଳକ୍ଷମ ବିହନଗୁଡ଼ିକର କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଚାଷୀଭାଇମାନଙ୍କ ଦ୍ୱାରା ବ୍ୟବହୃତ ସ୍ଥାନୀୟ ବିହନ ସହ ତିନିଗୋଟି ନୂତନ ବିହନ ଯଥା- ଅର୍ଜୁନ, ଭୈରବୀ ଏବଂ କାଲୁଆକୁ ପରୀକ୍ଷା କରାଯାଇ ତୁଳନା କରାଯାଇଥିଲା । ବ୍ୟବହୃତ ହୋଇଥିବା ସମସ୍ତ ନୂତନ ବିହନ ଗୁଡ଼ିକର ସମ୍ଭାବ୍ୟ ଉତ୍ପାଦନ କ୍ଷମତା ୨୫-୩୫ କ୍ୱିଣ୍ଟାଲ୍ /ହେକ୍ଟର ଥିଲାବେଳେ କାଳାବଧି ୧୦୫-୧୨୫ ଦିନ ଥିଲା । ସମସ୍ତ ବିହନଗୁଡିକୁ ବର୍ଷା ଋତୁର ପ୍ରାରମ୍ଭରେ ତଳି ପକାଯାଇ ୨୦-୨୫ ଦିନ ପରେ ଜମିରେ ରୁଆଯାଇଥିଲା । ନୂତନ ଅଧିକ ଅମଳକ୍ଷମ ବିହନଗୁଡିକ ମଧ୍ୟରୁ ଅର୍ଜୁନ(OEB 526) ଏବଂ କାଲୁଆ(OEB 532), ଭୈରବୀ ଠାରୁ ଯଥାକ୍ରମେ ୧୩% ଏବଂ ୯% ଅଧିକ ଅମଳ ଦେଇଥିଲା ।

## ବେଙ୍ଗଲା ପଡିଥିବା ନଡାରେ ଛତୁ ଚାଷ



ଗଞ୍ଜାମ ଜିଲ୍ଲାରେ ବହୁତ ମହିଳା ଚାଷୀ ଛତୁ ଚାଷକୁ ଜୀବିକା ରୂପେ ଗ୍ରହଣ କରୁଛନ୍ତି । ଛତୁ ଉତ୍ପାଦନରେ ଓଡିଶାରେ ଗଞ୍ଜାମ ଜିଲ୍ଲା ଦ୍ୱିତୀୟ ସ୍ଥାନ ଗ୍ରହଣ କରିଛି । ଆଜିକାଲି କିନ୍ତୁ ଧାନ ଅମଳ ମେସିନ୍ ଦ୍ୱାରା ହେଉଥିବାରୁ ପର୍ଯ୍ୟାପ୍ତ ପରିମାଣରେ ନଡା ମିଳିପାରୁନାହିଁ ଫଳରେ ଛତୁ ଚାଷୀମାନେ ନଡା କିଣିବାରେ ଅଧିକ ବ୍ୟୟ କରୁଛନ୍ତି । ଏହି ଅସୁବିଧାକୁ ଦୃଷ୍ଟି ରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା ବିଭିନ୍ନ ଗ୍ରାମ ଯଥା- ଆମ୍ବପୁଆ, କଇଣ୍ଡି, ଫୁଲସରାପଲ୍ଲିର ମହିଳାମାନଙ୍କୁ ନେଇ ଆଗଧାଡି କ୍ଷେତ୍ର ପ୍ରଦର୍ଶନ ହୋଇଥିଲା ଏବଂ ଏଥିରେ ଆବଶ୍ୟକ ହେଉଥିବା ଜ୍ଞାନ କୌଶଳ ଯୋଗାଇ ଦିଆଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ ବେଙ୍ଗଲା ପଡିଥିବା ନଡାକୁ ବ୍ୟବହାର କରି ଛତୁ ଚାଷ କରାଯାଇଥିଲା । ପାରମ୍ପରିକ ଉପାୟରେ ଛତୁ ଚାଷରେ ଚାଷୀ ବେଡ୍ ପିଛା ୧,୦୦୦ ଗ୍ରାମ ପାଉଥିଲାବେଳେ ଏହି ପଦ୍ଧତିରେ ପ୍ରାୟ ୬୦୦ ଗ୍ରାମ୍ ଅମଳ ହୋଇଥିଲା । ଚାଷୀ ପାରମ୍ପରିକ ଉପାୟରେ ହେଉଥିବା ଛତୁ ଚାଷରେ ବେଡ୍ ପିଛା ୭୦ ଟଙ୍କା ଖର୍ଚ୍ଚ କରୁଥିଲାବେଳେ ଏଥିରେ ୪୦ ଟଙ୍କା ଖର୍ଚ୍ଚ ହେଇଥିଲା ଏବଂ ଲାଭ କ୍ଷତିର ଅନୁପାତ ପାରମ୍ପରିକ ଉପାୟରେ ହେଉଥିବା ଛତୁ ଚାଷର ବେଡ୍ ପ୍ରତି ୧.୭ ରହୁଥିବା ବେଳେ ଏହି ପ୍ରଦର୍ଶନରେ ୧.୮ ରହୁଛି । ଏହି ପ୍ରଦର୍ଶନରେ ମହିଳା ଚାଷୀମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହାର ପ୍ରଚାର ପ୍ରସାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଚେଷ୍ଟା କରୁଛି ।

## କୃମି ନିରାକରଣ ଦ୍ୱାରା ଛେଳି ଛୁଆଙ୍କ ଶରୀର ବୃଦ୍ଧି କ୍ଷେତ୍ର ପ୍ରଦର୍ଶନ



ଛେଳିମାନଙ୍କ କ୍ଷେତ୍ରରେ କୃମିଜନିତ ପତଳା ଝାଡା, ଦୁର୍ବଳତା ଓ ମୃତ୍ୟୁହାର ଅଧିକ ରହିଥାଏ । ଆମ ଜିଲ୍ଲାର ଚାଷୀ ଭାଇମାନେ ମୁଖ୍ୟତଃ ଛେଳି ପାଳନ ଜଙ୍ଗଲ ଓ ପଦରରେ ଚରାଇ କରୁଥିବା ଯୋଗୁଁ କୃମିର ପ୍ରାର୍ଦୁଭାବ ଅଧିକ ରହିଥାଏ । ଏହି ସମସ୍ୟାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା କୃମି ନିରାକରଣ ଉପରେ କ୍ଷେତ୍ର ପ୍ରଦର୍ଶନ ପୋଷ୍ୟ ଗ୍ରାମ ପଦ୍ମପୁରରେ କରାଯାଇଥିଲା । ଚାଷୀ ଭାଇମାନଙ୍କୁ ବୈଜ୍ଞାନିକ ସମ୍ମତ ପଦ୍ଧତିରେ ଛେଳପାଳନ ସମ୍ବନ୍ଧୀୟ ତାଲମ୍ ଦିଆଯିବା ସହ କୃମିନାଶକ ଓ ଯକୃତ ବଳବର୍ଦ୍ଧକ ଔଷଧ ପ୍ରଦାନ କରାଯାଇଥିଲା । କୃମି ନିୟନ୍ତ୍ରଣ ଯୋଗୁଁ ଛେଳି ଛୁଆଙ୍କ କ୍ଷେତ୍ରରେ ତରଳ ଝାଡା ଓ ମୃତ୍ୟୁର ପରିମାଣ ଅନେକାଂଶରେ କମିବା ସହ ଦ୍ରୁତ ଶରୀର ବୃଦ୍ଧି ପରିଲକ୍ଷିତ ହୋଇଥିଲା । ପ୍ରଥମ ତିନି ମାସରେ ଶରୀର ବୃଦ୍ଧିହାର ପୂର୍ବାପେକ୍ଷା ୪୨% ବଢିବା ସହ ଆର୍ଥିକ ଲାଭ ମଧ୍ୟ ମିଳିଥିଲା ।

## ଜାତୀୟ ପ୍ରାଣୀ ରୋଗ ନିରାକରଣ ଯୋଜନାରେ ଫାଟୁଆ ଓ ବୃସେଲୋସିସ୍ ପ୍ରତିହିତ ଟୀକାକରଣ

ଚଳିତ ସେପ୍ଟେମ୍ବର ମାସ ୧୧ ତାରିଖରେ ଜାତୀୟ ପ୍ରାଣୀ ରୋଗ ନିରାକରଣ ଯୋଜନାରେ ଫାଟୁଆ ଓ ବୃସେଲୋସିସ୍ ପ୍ରତିହତ ପାଇଁ ଟୀକାକରଣ ଏବଂ କୃତିମ ପ୍ରଜନନ କାର୍ଯ୍ୟକ୍ରମକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ମଥୁରା ଠାରେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣକୁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ରେ ଭଞ୍ଜନଗର ଉପକଣ୍ଠର ବିଭିନ୍ନ ଗ୍ରାମରୁ ଯୋଗଦେଇଥିବା ଶତାଧିକ ଚାଷୀ ଦେଖିଥିଲେ । ଏହି ଅବସରରେ ଏକ କୃଷକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଭଞ୍ଜନଗର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଚାଷୀଭାଇ ଓ ଭଉଣୀମାନଙ୍କୁ ବୈଜ୍ଞାନିକମାନେ ନିର୍ଦ୍ଧାରିତ ସମୟରେ ଟୀକାକରଣ କରିବାକୁ ପ୍ରୋତ୍ସାହିତ କରିଥିଲେ । ବକ୍ତାମାନେ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଗାଈମାନଙ୍କର କୃତ୍ରିମ ପ୍ରଜନନ କରାଯିବା ସହ ଫାଟୁଆ ପ୍ରତିଷେଧକ ଟୀକାକରଣ କରାଯାଇଥିଲା ।



## ମତ୍ସ୍ୟ ଚାଷୀ ଦିବସ ପାଳନ

ଚଳିତ ବର୍ଷ ଜୁଲାଇ ମାସ ୧୦ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ତରଫରୁ କ୍ଷେତମୁଣ୍ଡାଳି ଗ୍ରାମରେ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଚାଷୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଗଞ୍ଜାମ ଜିଲ୍ଲାରେ ମାଛ ଚାଷର ସ୍ଥିତି ଓ ଏହାର ନୂତନ ଦିଗନ୍ତ ବିଷୟରେ ଆଲୋଚନା କରାଯାଇଥିଲା । ଆଧୁନିକ ଜ୍ଞାନ କୌଶଳ ବ୍ୟବହାର କରି ମାଛ ଚାଷରୁ ଅଧିକ ଉତ୍ପାଦନ କରିବାର କୌଶଳ ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ମତ୍ସ୍ୟ ଚାଷୀ ଭାଇ ଓ ଭଉଣୀମାନେ ମାଛ ଚାଷରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଓ ସଂକ୍ରମିତ ହେଉଥିବା ରୋଗର ନିରାକରଣ ବିଷୟରେ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଷେତ୍ରମୁଣ୍ଡାଳି ଗ୍ରାମ ସହିତ ଆଖ ପାଖ ୫ ଟି ଗ୍ରାମର ଚାଷୀ ଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ ।

